ଖନିକାର ଟସକର ବୃତ୍ତାନ୍ତ
ବିଦୁର ବଚନେ ସେ ବୋଲଇ ଟସକର
ମୁହିଂ ଯେବଣ ଜାତି ଶୁଣିମା ଦଣ୍ଡଧର ।୧ ।
ମୁହିଂ ଟସକର ଯେ ଅଟଇ ଯୁଗତେ
ବିଦୁର ବୋଇଲେ ଟସକର ଜାତିରେ କେମନ୍ତେ ।୨ ।
ମୁଂ ଅଟଇ ହାଦେ ଚଉର୍ଯ୍ୟ ହୀନ ଜାତି
ଘର ବାସ ନାହିଂ ମୋର ଚଉର୍ଯ୍ୟ କର୍ମେଣ ବୃତି ।୩ ।
ପୁଣ ପଚାରଇ ଅମ୍ବୁବତୀର ବାଳ
କେବଣ ମତେ ପରଧନ ଚଉର୍ଯ୍ୟ ଯେ କର ।୪ ।
---------------------------
୩ ।୨ ଆନ ବେଉସା ନାହିଂ ମୁ ଚଉର୍ଯ୍ୟ କର୍ମେ ବୃତି ।
୨୧ ।୧ କୋନ୍ଦି କୋନ୍ଦି - କନ୍ଦି କନ୍ଦି
କାଛ ଖୋଲିଣ ଦେବ ପଶଇ ଭିତରେ
ପର ଧନ ଚଉର୍ଯ୍ୟ କରି ନିୟେ ନିଶାକାଳେ ।୫ ।
ବିଦୁରେ ବୋଇଲେ ଥାନ୍ତି କବାଟ ପାତି କରି
କେବଣ ବାଗେ ପଶ ତାହାଙ୍କର ଭିତର ପୁରୀ ।୬ ।
କହଇ ଟସକର ଶୁଣିମା ଗୋସାଇଂ
ଚାରିଖାନି ଚଉରାଶି ଲକ୍ଷ ଜନ୍ତୁ ନାରାୟଣ ଭିଆଇ ।୭ ।
ଚଉର ବୋଲି କରି ୟେକ ଜାତିୟେ ଭିଆଇଲା
ଲକ୍ଷଣା ଦଣ୍ଡ ବୋଲି ଶସ୍ତ୍ରେକ ସ୍ରିଜିଲା ।୮ ।
ତାହା ଘେନି କାଛ ଖୋଳଇ ନାଶା ରାତି
ଭିତରେଣ ପଶିଲେ ଦେବ କେହି ନ ଜାଣନ୍ତି ।୯ ।
ବିଦୁରେ ବୋଇଲେ ତାର ସରୂପ ମୋତେ କହ
କାହା ହାଥେ ଲକ୍ଷଣା ରେ କେତେବେଳେ ଗଢାଅ ।୧୦ ।
କହଇ ଖନିକାର ସ୍ୱାମୀ ଶୁଣିମା ସାବଧାନେ
ତୁଳମାସ କୃଷ୍ଣପକ୍ଷ ଅମବାଇ ଚଣ୍ଡୀପୂଜା ଦିନେ ।୧୧ ।
ବିଶାଖା ନକ୍ଷତ୍ର ଯେ ଅଟଇ ସେ ଦିନର
ସେ ଦିନ ଲକ୍ଷଣାକୁ କରନ୍ତି ବିଚାର ।୧୨ ।
ତହିଂର ପାହାନ୍ତି ଯେବେ ରୋବଇ ଅବଳା
ଚଉର୍ଯ୍ୟ ବିଦ୍ୟାକୁ ସେ ଅଟଇ ଶୁଭ ଅନକୂଳା ।୧୩ ।
ଯେଉଣ ମହାରଣାର କୃତ୍ତିକା ବୃଷ ରାଶି
ତାହାକୁ ବରଣ କରି ଅମାବାଇ ନିଶି ।୧୪ ।
ପ୍ରାତେ ସ୍ନାହାନ କରି କଳା ବସ୍ତ୍ରେକ ଥାଇ ପିନ୍ଧି
ମଲା ମାଇପଙ୍କ ଶୃଙ୍ଖା ପଟିୟେ ବାମ ହସ୍ତେ ବାନ୍ଧି ।୧୫ ।
ରାତ୍ରନ ହୋଇଲେଣ ଶାଳଯନ୍ତ୍ର ପୂଜା କରି
ନବତନ ଅଗ୍ନି ଲେହ ପାଷାଣରୁ ଉତ୍ତାରି ।୧୬ ।
-------------------------
୮ { ଲକ୍ଷଣା ବୋଲି ଦେବ ପଦାର୍ଥ ଭିଆଇଲା ।
{ ଖଣନ୍ତା ଦଣ୍ଡା ବୋଲି ଶହସ୍ରେକ ହୋଇଲା ।
୧୪ ।୨ ତାହାକୁ ବରଣ କରି ଆମ୍ଭେ ଘେନି ଆସି ।

ରାତ୍ର ତିନି ପ୍ରହରେ କଷ୍ଣ ଛାଗଳେକ ନେଇ
ଚଉରୁଣୀ ଦେବୀଙ୍କି ରକତ ଭାତ ବଳି ଦେଇ ।୧୭ ।
ଭୋ ଦେବ ଅବଳାମାନଙ୍କର ଯେ ପ୍ରଥମ ରାବ ଯେ ବୋବାଳି
ଅଗ୍ନିରେ ନେଇ ଲୁହା ସିଝାଇ ପରିତାଳି ।୧୮ ।

ଯୋଗେଣ ନିର୍ବାଣ ସେ କରଇ ମହାରଣା
ତ୍ରିଅଧାର କରି ଦଣ୍ଡ କରାଇ ଲକ୍ଷଣା ।୧୯ ।
ଭୋ ଦେବ ବିଦୁର ଶୁଣିମା ସାବଧାନେ
ଆପଣେ ସଞ୍ଚିଲେ ତାହା ଜେବ ଜନାର୍ଦ୍ଦନେ ।୨୦ ।
ସ୍ୱାମୀ ଗୋପପୁରେ ଜନମ ଯେ ହୋଇଲେ ବନମାଳୀ
ରଙ୍ଗା ଅବତାରେ ବିଳସିଲେ ଚନ୍ଦ୍ରାବଳୀ ।୨୧ ।
ଶ୍ରୀହରି ରାଧାର ତୁଲେ ଅନେକ ପୀରତି
ଚନ୍ଦ୍ରସେଣ ଗୁଆଳ ରାଧାର ନ ଛାଡଇ କତି ।୨୨ ।
ରାତ୍ରରେ ଶୁଆଇ ଥାଇ ତାହାର ନିଜ ଗମ୍ଭିରି
ଅନେକ ଯତନେ ଯେ କବାଟ କିଳି କରି ।୨୩ ।
ମଦନ ଆରତ ହୋଇ ଦେବ ବନମାଳୀ
ରାଧାର ନିମନ୍ତେ ଯେ ରାତ୍ରେ ବୁଲନ୍ତି ଅନ୍ତରାଳି ।୨୪ ।
ସାତ କବାଟ ଅନ୍ତରେଣ ଚନ୍ଦ୍ରସେଣା ଶୋଇଛି ରାଧିକାଙ୍କୁ ଘେନି
ପଶି ତ ବାଟ ଲୋଡି ନ ପାଇଲେ ଦେବ ସ୍ୱାମୀ ରୟଣୀ ।୨୫ ।
ଅସମ୍ଭାଳ ହୋଇ ସ୍ୱାମୀ ମଦନ ଆରତେ
ରାଗେଣ କବାଟ ହରି ପେଲନ୍ତି ହେଠ ମାଥେ ।୨୬ ।
କବାଟ କଣ୍ଟା ଗୋଟିୟେ ଲାଗିଲା କପାଳ
ଲଲାଟ ଫୁଟିଣ ରୁଧିର ବହଇ ଝର ଝର ।୨୭ ।
ଧାତାଙ୍କୁ ଚିନ୍ତା ଯେ ଲାଗିଲା ମନେ ବଡ ଭ୍ରାନ୍ତି
ନାରାୟଣଙ୍କୁ ପ୍ରସନ୍ନ ହୋଇଲେ ପିତାମହ ଧାତି ।୨୮ ।

-----------------------------

୧୭ ।୨ ସୁକୁଟୀ ଚମାରୁଣୀ, ପିତେଇ ସଉରୁଣୀ ୟେମାନେ ଦେବୀ ଅଟନ୍ତି ।
୧୭ ।୨ ଚଉରୁଣୀ ଦେବୀ, ସଉରୁଣୀ, ଚଉଣୀ, ଚଉରାଣୀ, ଚଲଣା, ଚଉରାଣୀ,
ସଉରିଣୀ, ଚଣ୍ଡୀଦେବୀଙ୍କୁ ପ୍ରଭୃତି ପାଠ ଭିନ୍ନ ଭିନ୍ନ ପୋଥିରେ ଅଛି ।

ରୁଧିର ବହନ୍ତେ ହରି ପକାବନ୍ତି ପୋଛି
କଟାକ୍ଷ ମନ୍ତ୍ରେଣ ବେଦବର ଫୁଙ୍କନ୍ତି ଶ୍ରୀବସ୍ତି ।୨୯ ।
ନାରାୟଣଙ୍କ ରୁଧିର ରୁହାଇଲେ ବେଦପତି
ପିତାମହ ବିଜେ କଲେ ନାରାୟଣଙ୍କର କତି ।୩୦ ।
ଭୋ ଦେବ ନାରାୟଣ କି ହୋଇଲ ବିରହିତ
ଗୋପାଳ ନିରୋଧି କଲ ପୁଷ୍ପେକର ଦୁହିତ ।୩୧ ।
ୟେ ଲୋହ ଯନ୍ତ୍ର ତୋତେ ଦେଉଛି ବନମାଳୀ
ୟେହା ଘେନି ଭିତରେ ପଶ କାନ୍ଥ କୋଳି ।୩୨ ।
ସେ ଶହସ୍ର ଗୋଟି ଘେନି ଦେବ ଯେ ଅଚ୍ୟୁତ
ତତକ୍ଷଣେ ଖୋଳିଲେ ଗୋପାଳର ପାଷାଣର କାନ୍ଥ ।୩୩ ।
ବ୍ରହ୍ମାର ମାୟାରେ ଯେ ନ ଶୁଭଇ କାହାକୁ
କାନ୍ଥ ଖୋଳି ବନମାଳୀ ପଶିଲେ ଭିତରକୁ ।୩୪ ।
ରାଧିକାକୁ ଲାଗିଅଛି କାମଶର ବାଧା
କେଶବର ଶୃଙ୍ଗାରକୁ ଲୟେ କରିଅଛି ରାଧା ।୩୫ ।
ଅଞ୍ଜନ ବିଦ୍ୟା ଯେ ଦେଇଥିଲେ ବେଦପତି
ନୟନେ ଲଗାଇ ହରି ଚାହିଁଲେ ଚଉକତି ।୩୬ ।
ଦିବସ ଯେସନେକ ଦିଶଇ ଆଲୁଅମୟେ
ଅନ୍ଧାର ଘର ଦିଶଇ ସୂର୍ଯ୍ୟ ଉଦୟ ପରାୟେ ।୩୭ ।
ଆରେକ ବିଦ୍ୟାୟେ କହିଲେ ବେଦବରେ
ନିଦ୍ରାଧୂଳୀ ଗୁଡାୟେକ ଦିଲେ ନାରାୟଣଙ୍କ ହସ୍ତରେ ।୩୮ ।

ତାହା ନେଇ ପକାଇଲେ ଗୋପାଳ ଉପରେ
ଅସାଷ୍ଟମେ ନିଦ୍ରାରେ ପଡିଲେ ଗଉଡେ ।୩୯ ।
ରାଧାର ହାଥ ଧରି ନାରାୟଣ ଟୋଳି
ଧାଡିକାରେଣ ଉଠିଣ ସେ ଯେ ବସିଲା ଚନ୍ଦ୍ରାବଳୀ ।୪୦ ।
ରାଧାର ହସ୍ତ ଧରି ପଇଠି ଗମ୍ଭିରି
ହରଷେ ବାସୁଦେବ କ୍ରୀଡାରଙ୍ଗ କରି ।୪୧ ।
--------------------

୩୪ { ଯାହାର ମାୟା ଅଗୋଚର ବ୍ରହ୍ମାଙ୍କୁ ।
{ଖୋଳି ବନମାଳୀ ପଶିଲେ ଭିତରକୁ ।
୩୭ ।୧ ଦିହୁଡି ଆଲୁଅ ପ୍ରାୟେ ଦିଶଇ ଆଲୁଅମୟେ ।

ରସ ଖଳିତ ହୋଇ ଭାଗିଲା ସରାଗ
ସେହି ବାଟେ ବାହାର ହୋଇଲେ ଶ୍ରୀରଙ୍ଗ ।୪୨ ।
କେଶବ ବିଚାରନ୍ତି ଯେ ବିମ୍ବରେ ହୋଇଲା କାର୍ଯ୍ୟସିଦ୍ଧି
ଯେହି ବିମ୍ବରେ ସର୍ବକାଳେ କାର୍ଯ୍ୟ ହୋଇବ ପ୍ରସିଦ୍ଧି ।୪୩ ।
ଯେମନ୍ତେ ନାରାୟଣ ଲକ୍ଷେ ଶୃଙ୍ଗାର କଲେ
ତେଣୁ ଯେ ଶହସ୍ର ଗୋଟିକୁ ଲକ୍ଷଣା ନାମ ଦିଲେ ।୪୪ ।
ଯେ ବିଦ୍ୟାରେ ଅନେକ କାର୍ଯ୍ୟ ସିଦ୍ଧି କରିଣ କହ୍ନାଇ
ମୋତେ ଦିଲେକ ଅଞ୍ଜନ କଜ୍ଜଳ ବିଦ୍ୟା ନିଦ୍ରା ଗୁଣ୍ଡି ସିଦ୍ଧଦାୟୀ ।୪୫ ।
ବିଦୁରେ ବୋଇଲେ ବଡାଇ ସୁସଞ୍ଜ ପରସ୍ତାବ
ତୋହୋର କେଶବର ଏତେ କାହିଂ ଭାବ ।୪୬ ।
ବିନୟ ଭାବ ହୋଇ କହଇ ଖଲ୍ୟକାର
ବାସୁଦେବ ଯେ ଗୋପପୁରେ ରଙ୍ଗା ଅବତାର ।୪୭ ।
ରାଧାର ତୁଲେ ଯହୁଂ ନ ପାଇଲେ ପୀରତି
ସନ୍ନିଧ୍ୟେ ହକାରିଲେ ସରହସୁନ୍ଦରୀ ଦୂତୀ ।୪୮ ।
ସେ ଅମର ସୁନ୍ଦରୀ ସ୍ୱର୍ଗର ଅଟଇ ଦୂତକାରୀ
ଯେହାର ମୂଳେ ଭୋଗ୍ୟ ଚଉଷଠୀ କୋଟି ବିଦ୍ୟାଧରୀ ।୪୯ ।
ସ୍ତମ୍ଭନ ମୋହନ ଯେ ବଶ୍ୟ ଉଚ୍ଚାଟନ
ଗୁଟିକା ଅଞ୍ଜନ ଯେ ଧରଣ ଧାରଣା ।୫୦ ।
ସମସ୍ତ ବିଦ୍ୟା ଯେ ଜାଣଇଂ ସରହସୁନ୍ଦରୀ
ଭାର ରସ ବଚନେ ପାଷାଣ ହୋୟେ ଜଡି ।୫୧ ।
ନନ୍ଦପୁଅ କହ୍ନାଇ ବୋଲି ନିନ୍ଦା କରୁଥିଲେ
ସେ ସରହସୁନ୍ଦରୀ ଦୂତିକାର ବଚନେ ସମସ୍ତେ ବଶ ହୋଇଲେ ।୫୨ ।
ବଇଶାଖ ଶୁକଳ ପକ୍ଷ ଚଉଠୀର ଦିନ
ରୋହିଣୀ ଭୋଗ ଯାଇ ମୃଗଶୀରା ସଂପୂର୍ଣ୍ଣ ।୫୩ ।
---------------------------

୪୪ ।୧ ଯେମନ୍ତେ ଗୋବିନ୍ଦ ଲକ୍ଷେ ଗୋପସ୍ତିରୀ ରମଣ କଲେ ।
୪୫ ।୨ ଅଞ୍ଜନ ଗୁଟିକା ଗୁଣ୍ଡି ହରି ମୋତେ ଦେଇ ।
୫୦ ।୨ ଧରଣ ଧାର ନିର୍ବାଣ (ନିର୍ମାଣ) ସରଦ ସୁନ୍ଦରୀ ଦୂତୀ ।
୫୧ ।୨ ଭାବ ରସେ ଜାଣେ ସେ ପାଷାଣ ତରଳ କରି ।

ସେ ଦିନ ରାଧିକା ପୁରେଣ ଅଛି ରହି
ଶାଶୁ ଗଲା ତାର ଝିଅକୁ ଶାଶୁଘରକୁ ପୁଆଇ ।୫୪ ।
ବସନ୍ତ ଉଛବ ଯେ ମଥୁରା ନଗ୍ରପୁର
ଦହି ଦୁଧ ଘୃତ ସର ଘେନିଗଲେ ଗଉଡେ କଂସର ଛାମୁର ।୫୫ ।

ଗୋପାଳୁଣୀ ଗଲା ଯହୁଂ ଶୂନ୍ୟ ମନ୍ଦିର ହୋଇଲା
ସେ ସରହସୁନ୍ଦରୀ ଦୂତିକାଙ୍କୁ ରାଧିକା ହକାରିଲା ।୫୬ ।
ଆପଣାର ଅଳଙ୍କାରମାନ ସମସ୍ତ କାଢି ଦିଲା
ସେ ସରହସୁନ୍ଦରୀକି ରାଧିକା ମଣ୍ଡିଲା ।୫୭ ।
ଆପଣାର ଅଲେଖ ତିଳକ ବସ୍ତ୍ର ପିନ୍ଧାଇ
କବେରୀ ଭାର ଖୋଷା ଖୋଷିଲା ପୁଷ୍ପ ମାଳା ଲାଇ ।୫୮ ।
କସ୍ତୁରୀ ଗନ୍ଧ ଯେ ଲେପନ କଲା ତାର ଅଙ୍ଗେ
ଆପଣାର ତାମ୍ବୋଳ ଭୁଞ୍ଜାଇ ଅଧର କ ସୁରଙ୍ଗେ ।୫୯ ।
ବୋଇଲା ସଂଘାତ ଗୋ ଯାଅ ୟେହି କ୍ଷଣ
ନନ୍ଦ ପୁଅ କହ୍ନାଇ କି ବହନ କରି ଆଣ ।୬୦ ।
ଆପଣାର ନେପୁର କାଢି ଦୂତିକା ପାଦେ ଦେଇ
ରାଧିକାର ବଚନେ ସରହସୁନ୍ଦରୀ ଚଳଇ ।୬୧ ।
ରାଧିକାର ନିମନ୍ତେ ଦେବ ମଧୁହାରୀ
ମାଧବୀ ଲତା ତଳେ ଛନ୍ତି ପଥ ଅନୁସରୀ ।୬୨ ।
କ୍ଷଣେ ଯମୁନା କୂଳେ କ୍ଷଣେ କଦମ୍ବ ବୃକ୍ଷେ ଉଠି
ପର ଦ୍ୱାରା ଶୃଙ୍ଗାରେ ହରି ୟେହେନେକ କଷ୍ଟି ।୬୩ ।
ୟେମନ୍ତେ ପଛା ଅନୁସରନ୍ତି ଜଗନ୍ନାଥ
ନେପୁର ଧ୍ୱନି ଶୁଭିଲା ଦୂତିକା ଗବନର ପଥ ।୬୪ ।
ଧାତିକାରେ ଡେଇଂ ପଡିଲେ କଦମ୍ବର ଡାଳୁଂ
ତରଙ୍ଗ ନୟନେ ହରି ଚାହାଂନ୍ତି ହେଳୁ ହେଳୁ ।୬୫ ।

---

୫୪ ।୨ {ଶାଶୁ ଗଲା ତାର ଝିଅ ଘରକଇ ।
{ ଶାଶୁ ଗଲା ତାର ଝିଅକୁ ଜଗାଇ ।

ମଦନ ରସେ ବୁଡାଇ ଅଛନ୍ତି କୃଷ୍ଣ ନିଜେ କାୟେ
ଦୂତିକାକୁ ଦେଖିଲେ ସୁଢଳ ଆଭରଣମୟେ ।୬୬ ।
କାମ ଆରତେଣ ଯେ ଦେବ ମଧୁହାରୀ
ରାଧିକା ବୋଲି ହରି ଦୂତିକାକୁ କୋଳ ଧରି ।୬୭ ।
ମଦନ ଆରତେ ଦେବ କିଛି ନୁଆରି ପଚାରି
ଦୂତିକାର ପିନ୍ଧିଲା ବସନ ଦେବ ପକାଇଲେ ଫେଡି ।୬୮ ।
ବିଶେଷେ କୁଞ୍ଜଲତା ଗହନ ଘୋରବନ
ବସନ୍ତ ଋତୁ ମଳୟାନିଳ ଖଏଦଇ ମଦନ ।୬୯ ।
ବସନ୍ତ କୋକିଳ ଧ୍ୱନି ଦିଅଇ ସେ ଋତୁ
ମନସିଜ ବାଣଘାତେ ଦହଇ କାମ ତନ୍ତୁ ।୭୦ ।
ୟେହେନେକ ଭ୍ରାନ୍ତି କଲାକ କାମଦେବ
ପରମଗ୍ୟାନୀ ନାଥ ନ ପାଇଲ ସଦିଭାବ ।୭୧ ।
ରାଧିକାର ବେଶ ଅଳଙ୍କାରମାନ ନୟନେଣ ଦେଖି
ରାଧିକା ବୋଲି ଶୃଙ୍ଗାର କଲେକ ଦୂତୀକି ।୭୨ ।
ହେଠ ଉବୁଡାୟେ ଶୃଙ୍ଗାର ରସ ଭୋଳେ
ମୁଖେ ଚୁମ୍ବନ ଦେଇ ସେ ଭିଡନ୍ତି ବକ୍ଷସ୍ଥଳେ ।୭୩ ।
ମଦନ ଆରତେ ଦେବ ଅସମ୍ଭାଳ ଘେନି
ମୁଖେ ମୁଖ ଲଗାଇଂ ଯେ ନ ପାରନ୍ତି ଚିହ୍ନି ।୭୪ ।

---

୬୬ { ମଦନ ଶର ଯେ ଘାରଇ ନିଜ କାୟେ

{ ଦୂତିକାକୁ ମଣିଲେ ରାଧିକାର ପ୍ରାୟେ ।
୬୭ ।୨ { କାମ ଅସାଷ୍ଟମେ ଦେବ ମଧୁହାରୀ (ପା)
{ କାମ ଆରତେ ବିହ୍ୱଳ ଦେବ ମଧୁହାରୀ (ପା)
୭୦ { ବସନ୍ତ ବୋଲି ଅଟଇ ଯେବଣ ଋତୁ
{ ଉଛାହା କରଇ ସେ କାମଶର ତନ୍ତୁ
୭୧ { ୟେହେନେକ ରୀତି ଭିଆଇ କାମଦେବ
{ ପରମ ବ୍ରହ୍ମ ନାଥ ଧରି ନ ପାରିଲେ ସ୍ୱଭାବ ।
୭୩ ।୨ ବିପରୀତ ରତି କଲେ ଶୃଙ୍ଗାର ବିଭୋଳେ ।
୭୦ ।୨ ତନ୍ତୁ-ତନ୍ତ୍ୱ

ଦୂତିକା ବୋଲିଣ ସେ ଯେବଣ ଯୁବତୀ
ତାହାର ବୟସେ ଯେ ନାହିଂ କେହି ପୃଥୀ ।୭୫ ।
ପାଚିଲା କେଶ ତାର ଅତି ଗଳିତ ଖଳିତ କାୟେ
ପରପଞ୍ଚ ଦିଶଇ ଯେ କେନ୍ଦୁ କାଠ ପ୍ରାୟେ ।୭୬ ।
ଅତିହିଂ ଉଛର୍ଗ ଯେ ପ୍ରଳମ୍ବ ହାଥ ଗୋଡ
ତାହାର ତୁଲେ ହରି ଶୃଙ୍ଗାର ରସ ଖେଡ ।୭୭ ।
ଅତି ଆରତେ ଯହୁଂ ହରି ବୁଡାଇଲେ କାୟେ
ଦୂତିକା ପାଚିଲା କେଶ ଦିଶିଲା ଯେ ସେବତୀ ପାଖୁଡା ପ୍ରାୟେ ।୭୮ ।
ହାସ୍ୟ ଲାସ୍ୟ ରତି ରଙ୍ଗେ ଶୃଙ୍ଗାର ରସ ଭାବେ
ଲଖ ଦନ୍ତଘାତେ ଶରୀର ବିଦାରିଲେ ପ୍ରସ୍ତାବେ ।୭୯ ।
ବାଳୁତ ପୁରୁଷକୁ ବୃଦ୍ଧସ୍ତିରୀ ଭାବ
ଉଷତେ ମହନ୍ତାରୀ ସହଇ ଚାଟୁ ଭାବ ।୮୦ ।
ହୃଦକୁ ହୃଦ ଭିଡି ମୁଖେ ଦିଅଇ ଚୁମ୍ବନ
ପ୍ରେମେ ବୋଲନ୍ତି ପ୍ରିୟେ ମୋର ରଖସି ଜୀବନ ।୮୧ ।
ସାର୍ଥୁକ ପୁରୁଷ ସେ ଶୃଙ୍ଗାରେଣ ଜିତା
ଦୂତୀହିଂ ଅନେକ କାଳର ବୃଦ୍ଧ ଯେ ବନିତା ।୮୨ ।
ଅପାର କାଳେ ପାଇଲା ବାଳୁତ ପୁଅ ଗୋଟି
ରସ ରଙ୍ଗ ଶୃଙ୍ଗାରେ ସରହସୁନ୍ଦରୀ ଫୁଟି ।୮୩ ।
ରାଧିକା ବୋଲି ହରି ଥିଲେନି ଖେଦ କରି
ହାଦେ ଶୃଙ୍ଗାର ଅନ୍ତେ ଦୂତିକା ପଡିଲା ଅସାଷ୍ଟମ ଧାଡି ।୮୪ ।
ଯେତେବେଳେ ରସ ଖଳିତ ହୋଇଲା
କାମ ଭ୍ରଷ୍ଟ ହୋଅନ୍ତେ ସ୍ରାଗହିଂ ଭାଂଜିଲା ।୮୫ ।
ଛାଡିଣ ବସିଲେ ଦେବ ଶୃଙ୍ଗାର ଉପେକ୍ଷି
ଦୂତିକାର ବର୍ଣ୍ଣ ଚିହ୍ନ ସାଷ୍ଟମ ହୋଇ ଦେଖି ।୮୬ ।

---

୭୬ ।୧ ପାଚିଲା କେଶ ଗଳିତ ତାର କାୟେ (ବିଗଳିତ କାୟେ)
୮୨ ।୨ ଦୂତୀ ଅନେକ କାଳର ଅଟଇ ପୋଖତୀ ।
୮୦ ।୨ ମହନ୍ତାରୀ - ମାନିତି ସ୍ତ୍ରୀ, ଏଠାରେ ବୃଦ୍ଧା ସ୍ତ୍ରୀ ।
୮୫ ।୨ ସ୍ରାଗ-ସରାଗ

ନାସାରେ ହସ୍ତ ଦେଇ ହସିଲେ ଜନାର୍ଦ୍ଦନ
ବିସରିଲେ ପଞ୍ଚୁମନ ବସ୍ତ୍ର ପିନ୍ଧିବାକୁ ନାହିଂ ମନ ।୮୭ ।
ଯହୁଂଣ କେଶବ ବସିଲେ ମଥା ପୋତି
ଅସମ୍ଭାଳ ହୋଇଣ ପଳାଇଲା ଦୂତୀ ।୮୮ ।

ଆପଣାର ବସ୍ତ୍ର ବାରି ନୁଆରିଲା
ବେଗେ ବେଗେ କହ୍ନାଇ ବସ୍ତ୍ର ପିନ୍ଧି ପଳାଇଲା ।୮୯ ।
ବସ୍ତ୍ର ନ ପିନ୍ଧନ୍ତି ହରି ନ ବାନ୍ଧନ୍ତି କେଶ
ରାଧିକାକୁ ଛାଡି ଦୂତିକାରେ କଲି ରତିରସ ।୯୦ ।
କେବଣଂ କଲଇ ପାପ ଯେ କାମର ଅନୀତି
ମୋହୋର ଭଳିକି ବିହିଲା ଯେତେ ବଡ ଶାସ୍ତି ।୯୧ ।
କାହାର ବୋଲେ ମୁହିଂ କଲଇଂ ଯେତେ କଥା
ମାନବମାନନ୍ତ ତ ହୋଇବ ଅନେକ ଅବସ୍ଥା ।୯୨ ।
ମୁହିଂ ଯାହା କଲି ତହିଂକି ଗୋଡାଇବ ସଂସାର
ଗୁରୁ ଗଉରୋବନ୍ତେ ହୋଇବ ଅନେକ ଅବେଭାର ।୯୩ ।
ବୃଦ୍ଧ ବୟସ ତ ନୁଆରିଲି ମୁହିଂ ବାରି
ଥାବକେ ବୁଡିଲି ମୁଂ କାମ ମହାଭାରୀ ।୯୪ ।
କେତେ କାଳର ସେ ମହନ୍ତା ନାରୀ ଗୋଟା
ତାହାକଇ କାମ ମୋତେ କରାଇଲା ଚେରଷ୍ଟା ।୯୫ ।
ନ ପୁଣ ରାଧିକାର ଛାମୁରେ କହଇ ଯାଇ
ଅନେକ ଉପହାସ୍ୟ ମୋତେ କରିବେ ଯେ ରାହୀ ।୯୬ ।
ଭୋ ସରସ୍ୱତୀ ଦୂତିକାର କଣ୍ଠେ ହୋଅ ଆଲିଙ୍ଗନ
ଯେ କଥା ମାନ ନ କହୁ ଦୂତିକା ରାଧିକା ଆଗରେଣ ।୯୭ ।
ପୁଣି ବିଚାରିଲେ ସ୍ତ୍ରୀଙ୍କର ବଡ ଗର୍ବ
ପର ଦାରା ଶୃଙ୍ଗାର କି- ।ଇ ଆନକୁ କହିବ ।୯୮ ।

----------------------------

୯୫ ।୨ ତାହାକଇ କାମ ମୋତେ କରାଇଲା ହଟା ।
୯୭ ।୧ ଭୋ ସରସ୍ୱତୀ ଦୂତିକାର କଣ୍ଠେ ହୁଅ ଆଭରଣ ।
୯୫ ।୧ ମହନ୍ତା ନାରୀ – ମହାନାରୀ

ଯଦ୍ୟପି କହିବ ଯେ ରାଧିକାର ଆଗ
ରାଧିକା ଶୁଣିଲେ ଯେହାକୁ କରିବ ମହାରାଗ ।୯୯ ।
ଯେତେକ ବିଚାରି ସେ ଉଠିଲେ ଦେବ ହରି
ବସ୍ତ୍ର ତୋଳି ଦେଖିଲେ ଦୂତିକା ପାଲଟା ଶାଢି ।୧୦୦ ।
ତା ଦେଖି ସ୍ୱାମୀ ମନ ଦୁଗୁଣ ବିରସ
କଥା ଅନୁସରି ଯେ ମାତିଲା ପୁମ ହସ ।୧୦୧ ।
ଯେହେନେକ ଅବସ୍ଥା କଲୁଟି ଅନଙ୍ଗ
ଜଗବନ୍ଦନ ପୁରୁଷକୁ କଲୁ ଯେସନେକ ଯୋଗ ।୧୦୨
ପର ଦାରା ଶୃଙ୍ଗାର ଯେ ନୋହୁ ପୋଡୁ ପୋଡୁ
ପର ଦାରାକୁ ଯେ ଇଛିବ ଶରୀର ତାର ଛାଡୁ ।୧୦୩ ।
ପରଦାରା ହରେଣ ଯେ ଯେହେନେକ ଅବସ୍ଥା
କେଉଣଂ ରସେ ମୁଂ ଭିଆଇଲି ଯେତେ କଥା ।୧୦୪ ।
ପର ଦାରା ସ୍ତ୍ରୀ ଯେ ଅମୃତ ତହୁଂ ସୁଆଦ
ଯେବେ ସେ ଜାଣିଲି ପର ଦାରା ପରମାଦ ।୧୦୫ ।
ନାରାୟଣ ବିରସ ଯେ ହଇଲେ ଯେସନେ
ପରଦାରାକୁ ନ ବଢ ସଂସାର ଜନମାନେ ।୧୦୬ ।
କାମେନୀ କାମସେଣୀ ସେ କାଉଂରୀ କାମାକ୍ଷୀ
ଷ୍ଟୀରୀ କୁଳକୁ ହାଦେ ସେ କାମ ଦେଇଅଛି ।୧୦୭ ।
କମଳା ପିଙ୍ଗଳ ବଗଳୀ ମାତଙ୍ଗୀ ଅଭୟା
କଲ୍ମଷନାଶିନୀ କମଳାକ୍ଷୀ ବିମଳା ବିଜୟା ।୧୦୮ ।

କାମାକ୍ଷୀ ସୁମର ନରେ କାମ କଷ୍ଟ ଛାଡୁ
ସ୍ୱଦାରା ଇଛା କର ସଂସାର ନ ପଡୁ ।୧୦୯ ।
କାମ ସାଗର ବୋଲି ତ ଅକାଦ ମହାଜଳ
କାହାକଇଂ ଦୃଶ୍ୟ ନାହିଂ ଯେ ତହିଂର ଥଳକୂଳ ।୧୧୦ ।
----------------------------
୧୦୮ ମୁଦ୍ରିତ ପୁସ୍ତକରେ (ରାଧାମୋହନ) କମଳା ପିଙ୍ଗଳା ମାତା ଶବଳା ବିହ୍ୱଳା
ସରଳା ତରଳା କଳା ବିମଳା ସାରଳା ।
୧୦୯ ।୨ ପର ଦାରାକୁ ସଂହର ସଂସାର ନ ତୁଟ ।

ଜଗମୋହନ ପୁରୁଷର ଭାଜିଲା ଯେତେ ଦର୍ପ
ପର ଦାରା ସେ ଉପୁଜାଇ ସକଳ ପାପ ।୧୧୧ ।
କ୍ଷଇକ ମାତ୍ର ସିନା ପର ଦାରା ରସ ସଙ୍ଗ
କ୍ଷଣକ ଉତ୍ତାରେ ସେ ହୋୟେ ସର୍ବ ଭଙ୍ଗ ।୧୧୨ ।
କାମାକ୍ଷୀ କାମସେଣୀ ଚରଣେ ସେବା ନିତି
ପର ଦାରା ସଙ୍ଗରେ ମୋର ନ ବଳାଅ ମତି ।୧୧୩ ।
ପରଦାରା କଷ୍ଟ ଯେ ଅଟଇ ୟେମନ୍ତ
ପର ଦୁଖେ କାତର ତୁ ଗୋ ସବୁଙ୍କରି ମାତା ।୧୧୪ ।
ତୋହୋର ଆଗ୍ୟାଂୟେ କହିଲି ଶୂଦ୍ରମୁନି ମୋହୋର ନାମ
ୟେ କଥାକୁ ଅନ୍ତର ମୋତେ ନ କରାଅ ମତିଭ୍ରମ ।୧୧୫ ।
ତୁହି ସେ ସିଂହବାହିନୀ ଗୋ ପ୍ରତ୍ୟକ୍ଷେ ହିଙ୍ଗୁଳା
ୟେ ସଂସାର ଜନଙ୍କୁ ଅଭୟ ଦିଅସି ସିଦ୍ଧ ସାରଳା ।୧୧୬ ।
ମୁହିଂ ତୋର ପୁତ୍ର ଯେ ସାରୋଳା ଦାସ ବୋଲି
ଅବଶ୍ୟ ପାଇବଇ ମୁହିଂ ଯାହା ବାଞ୍ଛା କଲି ।୧୧୭-୬୪୦୭ ।